# NATIONAL NEWS BULLETIN (ODIA)

## 4 November - 2024

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ଝାଡ଼ଖଣ୍ଡଠାରେ ବିଧାନସଭା ନିର୍ବାଚନ ପାଇଁ ଦୁଇଟି ନିର୍ବାଚନୀ ରୟାଲିକୁ ଆଜି ସମ୍ବୋଧିତ କରିବେ ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।
- ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଆଜି ହେଉଛି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ।
- ଆଗାମୀ ୫ରୁ ୭ ବର୍ଷ ମଧ୍ୟରେ ଦେଶରେ ରେଳ ଯାତ୍ରାରେ ଏକ ଅଭୂତପୂର୍ବ ପରିବର୍ତ୍ତନ ହେବାକୁ ଯାଉଛି; ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସୂଚନା
- ବନ୍ୟପ୍ରାଣୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଆତ୍ମୀୟସ୍ୱଜନଙ୍କ ଲାଗି ଅନୁକମ୍ପାମୂଳକ ସହାୟତା ରାଶିକୁ ୮ ଲକ୍ଷରୁ ୨୫ ଲକ୍ଷ ଟଙ୍କାକୁ ବୃଦ୍ଧି କଲେ ମଧ୍ୟପ୍ରଦେଶ ସରକାର

ଏବଂ

- ଭାରତ ସିନିୟର ପୁରୁଷ ଜାତୀୟ ହକି ଚାମ୍ପିୟନଶିପ୍  ଚତୁର୍ଦ୍ଦଶ ସଂସ୍କରଣ ଆଜିଠାରୁ ଆରମ୍ଭ ହେବ ଚେନ୍ନାଇରେ।

# ପିଏମ୍- ଝାଡ଼ଖଣ୍ଡ ର୍ୟାଲୀ

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଝାଡ଼ଖଣ୍ଡଠାରେ ବିଧାନସଭା ନିର୍ବାଚନ ପାଇଁ ବିଜେପି ନେତୃତ୍ୱାଧୀନ ଏନ.ଡି.ଏ ପ୍ରାର୍ଥୀଙ୍କ ସପକ୍ଷରେ ଦୁଇଟି ନିର୍ବାଚନୀ ର୍ୟାଲିକୁ ସମ୍ବୋଧନ କରିବେ। ଝାଡ଼ଖଣ୍ଡ ବିଜେପି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବାବୁଲାଲ ମାରାଣ୍ଡି କହିଛନ୍ତି, ପ୍ରଧାନମନ୍ତ୍ରୀ ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ସମୟରେ ଗଡ଼ୱାରେ ପ୍ରଥମ ନିର୍ବାଚନୀ ସଭାକୁ ସମ୍ବୋଧିତ କରିବେ ଏବଂ ଅପରାହ୍ନ ପ୍ରାୟ ୩ଟାରେ ଚାଇବାସାରେ ଦ୍ୱିତୀୟ ନିର୍ବାଚନୀ ସଭାକୁ ସମ୍ବୋଧିତ କରିବେ। ଝାଡ଼ଖଣ୍ଡରେ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ହେବା ପରେ ଏହା ହେଉଛି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ପ୍ରଥମ ନିର୍ବାଚନୀ ର୍ୟାଲି। ରାଜ୍ୟରେ ଚଳିତ ମାସ ୧୩ ଓ ୨୦ ତାରିଖରେ ଦୁଇଟି ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ ଲାଗି ମତଦାନ ହେବ।

# ପିଏମ୍- ମହାରାଷ୍ଟ୍ର ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା  ୮ରୁ ୧୪ ତାରିଖ ମଧ୍ୟରେ ମହାରାଷ୍ଟ୍ର ଗସ୍ତ କରି ବିଧାନସଭା ନିର୍ବାଚନ ପାଇଁ ଏକାଧିକ ରାଲିକୁ ସମ୍ବୋଧିତ କରିବାର ସମ୍ଭାବନା ରହିଛି। ମହାରାଷ୍ଟ୍ର ବିଜେପି ମୁଖ୍ୟ

ଚନ୍ଦ୍ରଶେଖର ବାଓ୍ୱନକୁଲେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ୭ ଦିନ ମଧ୍ୟରେ ୧୧ଟି ର୍‍ୟାଲିକୁ ସମ୍ବୋଧିତ କରିବାର ସମ୍ଭାବନା ରହିଛି। ନଭେମ୍ବର ୮ରେ ଧୁଲେ ଏବଂ ନାସିକ୍, ୯ରେ ଅକୋଲା ଏବଂ ନାନ୍ଦେଡ଼, ୧୨ରେ ଚନ୍ଦ୍ରପୁର, ଚିମୁର, ସୋଲାପୁର ଓ ପୁଣେ ଏବଂ ୧୪ ତାରିଖରେ ସମ୍ଭାଜୀନଗର, ନଭି ମୁମ୍ବାଇ ଓ ମୁମ୍ବାଇରେ ନିର୍ବାଚନୀ ସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ବୋଲି ଶ୍ରୀ ବାଓ୍ୱନକୁଲେ କହିଛନ୍ତି।

## ମହାରାଷ୍ଟ୍ର-ଇଲେକସନ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଆଜି ହେଉଛି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ । ଗତ ମାସ ୩୦ତାରିଖ ଦିନ ରାଜ୍ୟର ୨୮୮ଟି ବିଧାନସଭା ଆସନ ଲାଗି ମନୋନୟନପତ୍ର ଯାଞ୍ଚ ହେବା ପରେ ସେଥିମଧ୍ୟରୁ ୭ହଜାର ୯୯୪ଟି ବୈଧ ଥିବା ଜଣାପଡ଼ିଛି। ଚଳିତ ମାସ ୨୦ ତାରିଖ ଦିନ ମହାରାଷ୍ଟ୍ରରେ ଏକକ ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ସେଠାରେ ମୁଖ୍ୟତଃ ଶାସକ ମହାୟୁତି ଏବଂ ବିରୋଧୀ ମହାବିକାଶ ଅଘାଡି ମେଣ୍ଟ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଶାସକ ମହାୟୁତି ମେଣ୍ଟରେ ବିଜେପି, ଶିବସେନା ଓ ଏନ୍‌ସିପି ସାମିଲ ହୋଇଥିବାବେଳେ କଂଗ୍ରେସ, ଶିବସେନା-ୟୁ.ବି.ଟି. ଏବଂ ଏନ୍.ସି.ପି-ଏସ୍‌ପି ଶରଦ ପାଓ୍ୱାର ଦଳ ବିରୋଧୀ ମହାବିକାଶ ଅଘାଡ଼ିରେ ରହିଛନ୍ତି।

ଏତଦ୍‌ବ୍ୟତୀତ ଅନ୍ୟାନ୍ୟ  ଛୋଟ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନେ ମଧ୍ୟ ଏହି ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି ।

## ଝାଡ଼ଖଣ୍ଡ-ଲୋହରଦଗା ପ୍ରୋଫାଇଲ

ନିର୍ବାଚନ ମଣ୍ଡଳୀ ପ୍ରୋଫାଇଲ୍‌ର ସିରିଜ୍‌ରେ ଆଜି ଆମେ ଝାଡ଼ଖଣ୍ଡର ଲୋହରଦଗା ବିଧାନସଭା ନିର୍ବାଚନ ମଣ୍ଡଳୀ ଉପରେ ନଜର ପକାଇବା । ଆସନ୍ତା ୧୩ ତାରିଖ ଦିନ ରାଜ୍ୟ ବିଧାନସଭା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅବସରରେ ଲୋହରଦଗାଠାରେ ମତଦାନ କରାଯିବ ।

ଏ ସମ୍ପର୍କରେ ଆମ ସମ୍ବାଦଦାତାଙ୍କ ନିକଟରୁ ମିଳିଥିବା ସୂଚନା ଅନୁଯାୟୀ, ଲୋହରଦଗା ହେଉଛି ଅନୁସୂଚିତ ଜନଜାତିଙ୍କ ପାଇଁ ଏକ ସଂରକ୍ଷିତ ବିଧାନସଭା ନିର୍ବାଚନ ମଣ୍ଡଳୀ । ବର୍ତ୍ତମାନର କଂଗ୍ରେସ ବିଧାୟକ ରାମେଶ୍ୱର ଓରାଓ ଦ୍ୱିତୀୟ ଥର ଲାଗି ସେଠାରୁ ବିଧାନସଭା ନିର୍ବାଚନ ଲଢୁଛନ୍ତି। ପୂର୍ବରୁ ସେ ଲୋହରଦଗା ସଂସଦୀୟ ନିର୍ବାଚନ ମଣ୍ଡଳୀରୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ଏହି ସଂସଦୀୟ ନିର୍ବାଚନମଣ୍ଡଳୀଟି ୫ଟି ବିଧାନସଭା ନିର୍ବାଚନମଣ୍ଡଳୀକୁ ନେଇ ଗଠିତ। ସେଠାରେ ଶ୍ରୀ ଓରାଓଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି ଏନ୍‌ଡିଏ ସମର୍ଥିତ ଏ.ଜେ.ଏସ.ୟୁ ପ୍ରାର୍ଥୀ ନେରୁ ଶାନ୍ତି ଭଗତ । ଏହାଛଡ଼ା ବିଏସ୍‌ପିର ଯଶପଲ ଭଗତ ମଧ୍ୟ ଏହି ଆସନରୁ ନିଜର ରାଜନୈତିକ  ଭାଗ୍ୟ ପରୀକ୍ଷା କରୁଛନ୍ତି । ଏହି ଆସନ ଲାଗି ୮ ଜଣ ସ୍ୱାଧୀନ ପ୍ରାର୍ଥୀଙ୍କ ସମେତ ୧୭ ଜଣ ପ୍ରାର୍ଥୀ

ପ୍ରତିଦ୍ୱନ୍ଦ୍ୱିତା  କରୁଛନ୍ତି। ବକ୍ସାଇଟ୍ ଭିତ୍ତିକ ଶିଳ୍ପ, ବେରୋଜଗାରୀ ଓ ଅନୁପ୍ରବେଶକାରୀ ଆଦି ଏହି ନିର୍ବାଚନ ମଣ୍ଡଳୀର ମୁଖ୍ୟ ସମସ୍ୟା ବୋଲି ଜଣାଯାଇଛି। ପ୍ରାର୍ଥୀମାନେ ଭୋଟରମାନଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ଲାଗି ରୋଡ୍ ସୋ', ଜନସଭା ତଥା ଘରକୁ ଘର ବୁଲି ପ୍ରଚେଷ୍ଟା ଜାରି ରଖିଛନ୍ତି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

## ଆଇଏସ୍ଏ-ଆସେମ୍ବ୍ଲି

ଅନ୍ତର୍ଜାତୀୟ ସୌର ମେଣ୍ଟର ସପ୍ତମ ଅଧିବେଶନ ଆଜି ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମଠାରେ ଅନୁଷ୍ଠିତ ହେବ। ଶକ୍ତି ଉପଲବ୍ଧତା, ନିରାପତ୍ତା ଏବଂ ସୌରଶକ୍ତିକୁ ଆପଣାଇବା ଦିଗରେ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ପ୍ରାଧାନ୍ୟ ଦେବା ଏବଂ ଏ କ୍ଷେତ୍ରରେ ସୌର ପ୍ରକଳ୍ପ ଲାଗି ଆର୍ଥିକ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଆଦି ପ୍ରସଙ୍ଗ ଉପରେ ଏହି ଅଧିବେଶନରେ ମୁଖ୍ୟତଃ ଆଲୋଚନା କରାଯିବ ବୋଲି ଜଣାପଡ଼ିଛି।

## ଅଶ୍ୱିନୀ ବୈଷ୍ଣବ-କେରଳ

ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି' ନୂତନ ଜ୍ଞାନକୌଶଳ, ଅତ୍ୟାଧୁନିକ ବ୍ୟବସ୍ଥା ଏବଂ ଆସନ୍ତା ବର୍ଷ  ସୁଦ୍ଧା ବିଦ୍ୟୁତୀକରଣ ସମ୍ପୂର୍ଣ୍ଣ ହେବା ଦ୍ୱାରା ଆଗାମୀ ୫ରୁ ୭ ବର୍ଷ ମଧ୍ୟରେ ଦେଶରେ ରେଳ ଯାତ୍ରାରେ ଏକ ଅଭୂତପୂର୍ବ ପରିବର୍ତ୍ତନ ହେବାକୁ ଯାଉଛି। ଗତକାଲି ସନ୍ଧ୍ୟାରେ କୋଝିକୋଡ଼େରେ ଏକ ଗଣମାଧ୍ୟମ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା

ଅବସରରେ ସେ ଏହା କହିଛନ୍ତି। ଶ୍ରୀ ବୈଷ୍ଣବ କହିଛନ୍ତି, ଅମୃତ ଭାରତ ଷ୍ଟେସନ ପୁନର୍ବିକାଶ ଯୋଜନା ଅଧୀନରେ ଏକ ଲକ୍ଷ କୋଟି ଟଙ୍କା ବ୍ୟୟରେ ୧ ହଜାର ୩୩୪ଟି ଷ୍ଟେସନର ପୁନଃବିକାଶ କରାଯାଉଛି। ସେଥିମଧ୍ୟରୁ ୧ହଜାର ୧୦୦ ଷ୍ଟେସନରେ ନିର୍ମାଣ କାର୍ଯ୍ୟ ଚାଲିଛି । ଭାରତରେ ଥିବା ବିଶାଳ ସୃଜନଶୀଳ ସମ୍ଭାବନାକୁ ଉପଯୋଗ କରିବା ପାଇଁ ସରକାର ଦେଶର ବିଭିନ୍ନ ସ୍ଥାନରେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ରିଏଟିଭ୍ ଟେକ୍ନୋଲୋଜିର ଏକ ଶୃଙ୍ଖଳା ସ୍ଥାପନ କରିବାକୁ ଯୋଜନା କରୁଛନ୍ତି ବୋଲି ସେ କହିଛନ୍ତି। କୋଝିକୋଡ଼େ ରେଳ ଷ୍ଟେସନ ନିକଟରେ ଏକ ଆଇ.ଟି ହବ୍ ବିକଶିତ କରାଯିବ। ଏଥିଲାଗି ୫ ଏକର ରେଳବାଇ ଜମି ଚିହ୍ନଟ କରାଯାଇଛି ବୋଲି ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି।

## ଜୟଶଙ୍କର-ମିଟ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଗତକାଲି ଅଷ୍ଟ୍ରେଲିଆର ବ୍ରିସବେନ୍‌ଠାରେ କ୍ୱିନ୍ସଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ଚାନ୍ସେଲର ପିଟର ଭର୍ଗିସଙ୍କୁ ଭେଟିଛନ୍ତି। ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଏହି ବୈଠକରେ ସେମାନେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଶିକ୍ଷାଗତ ଏବଂ ଗବେଷଣା ସହଯୋଗ ଉପରେ ଆଲୋଚନା କରିଥିଲେ।

## ଏମ୍‌ପି-କମ୍ପେନସେସନ୍

ମଧ୍ୟପ୍ରଦେଶ ସରକାର  ବନ୍ୟପ୍ରାଣୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଆତ୍ମୀୟସ୍ୱଜନଙ୍କ ଲାଗି ଅନୁକମ୍ପାମୂଳକ ସହାୟତା ରାଶିକୁ ୮ ଲକ୍ଷରୁ ୨୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ରାଜ୍ୟର ଉମରିଆ ଜିଲ୍ଲା ଅନ୍ତର୍ଗତ ବାନ୍ଧବଗଡ଼ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିକଟରେ ହାତୀ ଆକ୍ରମଣରେ ଦୁଇ ଜଣ ବ୍ୟକ୍ତିଙ୍କର ମୃତ୍ୟ ଘଟଣାର ଗୋଟିଏ ଦିନ ପରେ ସରକାର ଏହି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଯାଦବ କହିଛନ୍ତି, ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ଦୁଇ ଜଣ ବ୍ୟକ୍ତିଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ। ଗତକାଲି ଧରାପଡ଼ିଥିବା ହାତୀ ବ୍ୟାଘ୍ର ସଂରକ୍ଷଣ ଠାରୁ ପ୍ରାୟ ୧୦ କିଲୋମିଟର ଦୂର ଦେବରା ଗାଁରେ ଜଣେ ଗ୍ରାମବାସୀ ଏବଂ ବ୍ରାହେରେ ଆଉ ଜଣେ ଗ୍ରାମବାସିନ୍ଦାଙ୍କୁ ଦଳି ଦେବା ଫଳରେ ସେମାନଙ୍କର ମୃତ୍ୟୁ ହୋଇଛି। ସମ୍ପ୍ରତି କିଛି ଦିନ ମଧ୍ୟରେ ଏହି ବ୍ୟାଘ୍ର ସଂରକ୍ଷଣ ନିକଟବର୍ତ୍ତୀ ଅଞ୍ଚଳରେ ହାତୀ ଆକ୍ରମଣରେ ପ୍ରାୟ ୧୦ ଜଣଙ୍କର ମୃତ୍ୟୁ ହେବା ଯୋଗୁଁ ଏହି ସ୍ଥାନ ଉପରେ କର୍ତ୍ତୃପକ୍ଷ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି।

## ମଷ୍ଟ-ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଲାଇଭ୍ ଫୋନ୍-ଇନ୍ କାର୍ଯ୍ୟକ୍ରମ 'ପବ୍ଲିକ୍ ସ୍ପିକ୍' ଆଜି ରାତି ସାଢ଼େ ୯ଟାରେ ପ୍ରସାରିତ ହେବ।ଆଜିର ବିଷୟ ବସ୍ତୁ

ରହିଛି 'ସାଇବର ଅପରାଧର ମୁକାବିଲା'। ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ରର ନିର୍ଦ୍ଦେଶିକା ରୂପା ଏମ୍ ଏବଂ ଦିଲ୍ଲୀ ପୁଲିସର ସ୍ପେଶାଲ୍ ସେଲ୍‌ର ଯୁଗ୍ମ ପୁଲିସ କମିସନର ରଜନୀଶ ଗୁପ୍ତା ଏହି ଆଲୋଚନାରେ ବିଶେଷଜ୍ଞ ଭାବେ ଯୋଗଦେଇ ଶ୍ରୋତାମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ।

ଏହି କାର୍ଯ୍ୟକ୍ରମରେ ଶ୍ରୋତାମାନେ ସାଇବର ଅପରାଧ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ଆମର ବିଶେଷଜ୍ଞମାନଙ୍କୁ ପଚାରିବାର ସୁଯୋଗ ପାଇବେ।

ଏଥିରେ ଅଂଶଗ୍ରହଣ କରିବା ପାଇଁ ଆଜି ରାତି ସାଢ଼େ ୯ଟାରୁ ଟେଲିଫୋନ୍ ନମ୍ବର 011- 23421050 ଓ 011-23314444 କୁ ଡାଏଲ୍ କରି ନିଜର ପ୍ରଶ୍ନ ପଚାରିପାରିବେ।

ବିକଳ୍ପ ଭାବରେ, ଶ୍ରୋତାମାନେ ହ୍ୱାଟ୍ସଆପ୍ ନମ୍ବର 9289094044 ମାଧ୍ୟମରେ ଆପଣଙ୍କ ନିଜ ପ୍ରଶ୍ନ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଆସ୍କ–ଏୟାର ହ୍ୟାସଟ୍ୟାଗ୍ ସହ ନିଜ ପ୍ରଶ୍ନ ପୋଷ୍ଟ କରିପାରିବେ।

## ଇସ୍ରାଏଲ–ହିଜବୁଲ୍ଲା

ଉତ୍ତର ଇସ୍ରାଏଲ ଉପରକୁ ରକେଟ୍ ମାଡ଼ ପାଇଁ ଦାୟୀ ଥିବା ହିଜବୁଲ୍ଲାର ଦୁଇ ପ୍ରମୁଖ ଆତଙ୍କବାଦୀଙ୍କୁ ଇସ୍ରାଏଲ ସେନା ନିପାତ କରିଛି

ବୋଲି ଇସ୍ରାଏଲ ଦାବି କରିଛି। ଇସ୍ରାଏଲ ପ୍ରତିରକ୍ଷା ବାହିନୀ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସେମାନେ ଖିଆମ୍ ଅଞ୍ଚଳର ହିଜବୁଲ୍ଲା କମାଣ୍ଡର ଆତଙ୍କବାଦୀ ଫାରୁକ୍ ଅମିନ ଆଲାସି ଏବଂ ଖିଆମ୍ ଅଞ୍ଚଳର ରାଡଓ୍ଵାନ୍ ଫୋର୍ସ କମ୍ପାନି କମାଣ୍ଡର ୟୁସୁଫ ଅହମ୍ମଦ ନନ୍ଙ୍କ ଉପରେ ଆକ୍ରମଣ କରାଯିବା ଦ୍ୱାରା ସେମାନେ ସେମାନଙ୍କର ମୃତ୍ୟୁ ହୋଇଛି। ଗାଲିଲି ପାନହାଣ୍ଡେଲ ଏବଂ ବିଶେଷକରି ମେଟୁଲାରେ ଇସ୍ରାଏଲ ସମ୍ପ୍ରଦାୟ ଉପରେ ଅନେକ ଟ୍ୟାଙ୍କ ନିରୋଧୀ କ୍ଷେପଣାସ୍ତ୍ର ଏବଂ ରକେଟ୍ ଆକ୍ରମଣ ପାଇଁ ଆଲାସୀ ଦାୟୀ ଥିଲେ ଏବଂ ଗାଲିଲି ଅଞ୍ଚଳରେ ଇସ୍ରାଏଲ ସମ୍ପ୍ରଦାୟ ଏବଂ ଏହି ଅଞ୍ଚଳରେ କାର୍ଯ୍ୟକରୁଥିବା ପ୍ରତିରକ୍ଷା ବାହିନୀ ସୈନ୍ୟଙ୍କ ଉପରେ ରକେଟ୍ ଓ ଟ୍ୟାଙ୍କ ନିରୋଧୀ କ୍ଷେପଣାସ୍ତ୍ର ଆକ୍ରମଣ ପାଇଁ ନୁନ ଦାୟୀ ଥିଲେ ବୋଲି  କୁହାଯାଇଛି।

## ହକି-ସିନିୟର ମେନ୍ ଚାମ୍ପିଅନସିପ୍

ଭାରତ ସିନିୟର ପୁରୁଷ ଜାତୀୟ ହକି ଚାମ୍ପିୟନଶିପ୍  ଚତୁର୍ଦ୍ଦଶ ସଂସ୍କରଣ ଆଜିଠାରୁ ଚେନ୍ନାଇର ମେୟର ରାଧାକ୍ରିଷ୍ଣନ ହକି ଷ୍ଟାଡିୟମଠାରେ ଆରମ୍ଭ ହେଉଛି । ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ପୁଲରେ ବିଭକ୍ତ ହୋଇ ୩୧ଟି ଦଳ ପ୍ରତିଯୋଗିତା କରିବେ।  ଲିଗ୍ ପର୍ଯ୍ୟାୟରେ ପ୍ରତ୍ୟେକ ଦଳ

ସେମାନଙ୍କ ପୁଲ୍ ଭିତରେ ପରସ୍ପରକୁ ଭେଟିବେ ଏବଂ ପ୍ରତ୍ୟେକ ପୁଲ୍‌ର ଶୀର୍ଷ ଦଳ ନଭେମ୍ବର ୧୩ରେ କ୍ୱାର୍ଟର ଫାଇନାଲ୍ସକୁ ପ୍ରବେଶ କରିବେ। ନଭେମ୍ବର ୧୫ରେ ସେମିଫାଇନାଲ, ନଭେମ୍ବର ୧୬ରେ ଫାଇନାଲ୍ ଓ ତୃତୀୟ/ଚତୁର୍ଥ ସ୍ଥାନ ପାଇଁ ପ୍ଲେ' ଅଫ୍ ମ୍ୟାଚ୍ ଖେଳାଯିବ।